# ବ୍ରାହ୍ମଣୀରେ ମହାସ୍ନାନ ଓ ବାରୁଣୀ ବୁଡ଼

ଢେଙ୍କାନାଳ,୨୫।୧(ରତନ ନାୟାର)

ପବିତ୍ର ମାଘ ସପ୍ତମୀ ଅବସରରେ ଢେଙ୍କାନାଳ ସଦର ବ୍ଲକର ବଣସିଂହ ଓ ଚାଉଳିଆ ପଞ୍ଚାୟତ ମଧ୍ୟରେ ଥିବା ବଡ଼ ନାଗେନାସ୍ଥିତ ଶ୍ରୀଶ୍ରୀ ନାଗନାଥେଶ୍ୱର ମହାଦେବଙ୍କ ପୀଠ ନିକଟରେ ବହିଯାଉଥିବା ବ୍ରାହ୍ମଣୀ ନଦୀରେ ସମୂହ ମହାସ୍ନାନ ଓ ବାରୁଣୀ ବୁଡ଼ କାର୍ଯ୍ୟକ୍ରମ ରବିବାର ସକାଳେ ଅନୁଷ୍ଠିତ ହୋଇଯାଇଛି । ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ପ୍ରମୁଖ ପଣ୍ଡିତ ମାତୃପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଶ୍ରଦ୍ଧାଳୁ ବ୍ରାହ୍ମଣୀ ନଦୀରେ ବୁଡ ପକାଇଥିଲେ । ଏହି ଅବସରରେ ସୂର୍ଯ୍ୟ ଦେବତାଙ୍କୁ ଜଳଅର୍ପଣ କରାଯାଇ ନଦୀକୁ ବସ୍ତ୍ର ଅର୍ପଣ କରାଯାଇଥିଲା । ପୂର୍ବକାଳରେ ନାଗା ସାଧୁସନ୍ଥ ଓ ଅନ୍ୟ ସଂପ୍ରଦାୟର ସାଧୁ ସନ୍ଥମାନେ ତୀର୍ଥ ଭ୍ରମଣ କରି ବ୍ରାହ୍ମଣୀ ନଦୀରେ ବୁଡ଼ ପକାଇ ଶ୍ରୀଶ୍ରୀ ନାଗନାଥଙ୍କୁ ଦର୍ଶନ କରୁଥିଲେ । ଏଥିସହିତ ସେମାନେ କପିଳାସ ପୀଠ ଶ୍ରୀଶ୍ରୀ ଚନ୍ଦ୍ରଶେଖରଙ୍କୁ ଦର୍ଶନ କରି ଫେରି ଯାଉଥିଲେ । ଏହି ପୁରୁଣା କଥାକୁ ମନେ ପକାଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ବୁଡ ପକାଇଥିଲେ । ମୁଖ୍ୟ ସଂଯୋଜକ ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଆଗାମୀ ବର୍ଷରେ ଏହି କାର୍ଯ୍ୟକ୍ରମ ଆହୁରି ଆକର୍ଷଣୀୟ କରାଯିବ ବୋଲି ସୂଚନା ଦେଇଥିଲେ । ସମସ୍ତ ଶ୍ରଦ୍ଧାଳୁ ଶ୍ରୀଶ୍ରୀ ନାଗନାଥେଶ୍ୱରଙ୍କୁ ଦର୍ଶନ କରି ବାରୁଣୀ ବୁଡ଼କୁ ସମାପନ କରିଥିଲେ । ଏହି ଅବସରରେ ଶ୍ରୀଶ୍ରୀ ନାଗନାଥେଶ୍ୱର ଆଞ୍ଚଳିକ ଉନ୍ନୟନ ପରିଷଦ ସଭାପତି ସୁଦାମ ଚରଣ ସାହୁ, ସମ୍ପାଦକ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସମେତ ଆର୍ଯ୍ୟରତ୍ନ ଚକ୍ରଧର, ଶତୃଘ୍ନ ମାଟି, ବିଭୁ ପଟ୍ଟନାୟକ, ଶେଷଦେବ ରାଉତ, ଆଦିତ୍ୟ କୁମାର ପଣ୍ଡା, ରାଜ କିଶୋର ବେହେରା, ପ୍ରୀତିରଞ୍ଜନ ପତି, ବିକାଶ କୁମାର ରଥ, ପୂର୍ବତନ ସରପଞ୍ଚ ଜୟନ୍ତ କୁମାର ହୋତା, ସବ୍ୟସାଚୀ ପାଣି, ବିଶ୍ୱନାଥ ସାହୁ, ସୁବାସ ସାହୁ, ସାରଙ୍ଗଧର ମଲ୍ଲିକ, ରାମଚନ୍ଦ୍ର ବେହେରା, ପ୍ରତାପ ଭାରତୀ ଓ ଲମ୍ବୋଦର ପରିଡା ପ୍ରମୁଖ ସାମିଲ ହୋଇଥିଲେ ।



ଶ୍ରୀଶ୍ରୀ ନାଗନାଥେଶ୍ୱର ମହାଦେବଙ୍କ ପୀଠ ବ୍ରାହ୍ମଣୀ ନଦୀରେ ମହାସ୍ନାନ ଓ ବାରୁଣୀ ବୁଡ଼ ।

# ଆଇନମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରିବେ

ଢେଙ୍କାନାଳ,୨୫।୧(ରତନ ନାୟାର)

ଢେଙ୍କାନାଳ ସଦର ମହକୁମାର ମୁଖ୍ୟ ଷ୍ଟାଡିୟମଠାରେ ସୋମବାର ଅନୁଷ୍ଠିତ ହେବାକୁ ଥିବା ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ରାଜ୍ୟ ସରକାରଙ୍କ ପୂର୍ତ୍ତ, ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଜାତୀୟ ପତାକା ଉତୋଳନ କରି ଅଭିବାଦନ ଗ୍ରହଣ କରିବେ । ସକାଳ ସାଢେ ୮ଟା ସମୟରେ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ରହିଛି । ସେହିପରି ବାଲ୍ୟବିବାହ ରୋକିବା ସମ୍ପର୍କରେ ଏକ ସଚେତନତା ସାଇକେଲ ଶୋଭାଯାତ୍ରା ପୂର୍ବାହ୍ଣ ୧୦ଟାରେ ଜିଲା କାର୍ଯ୍ୟାଳୟଠାରୁ ଆରମ୍ଭ ହେବ । ଏହି ଗସ୍ତ ଅବସରରେ ଆଇନମନ୍ତ୍ରୀ କପିଳାସ ମନ୍ଦିର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

# ଟେଲିମେଡିସିନ କାର୍ଯ୍ୟକ୍ରମରେ ଆଇଆଇଏମ୍‌ସି ଛାତ୍ରୀଛାତ୍ର ସାମିଲ

ଢେଙ୍କାନାଳ,୨୫।୧(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଗୋନ୍ଦିବିଲିସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ଆୟୋଜିତ ଟେଲିମେଡିସିନ କାର୍ଯ୍ୟକ୍ରମରେ ଢେଙ୍କାନାଳ ଭାରତୀୟ ଜନସଂଚାର ସଂସ୍ଥାନ (ଆଇଆଇଏମ୍‌ସି)ର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ । ଏହି ଅବସରରେ ସେମାନେ ସୁଇଜରଲ୍ୟାଣ୍ଡର ବରିଷ୍ଠ ଶିଶୁ ବିଶେଷଜ୍ଞ ଡା. କନରାଡ଼ ମୁଲର ଓ ବେଟ୍ରିକ ମୁଲରଙ୍କୁ ଶିଶୁମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଉପସ୍ଥିତ ଥିବା ଶିଶୁମାନଙ୍କର ଅଭିଭାବକମାନଙ୍କୁ ମଧ୍ୟ ପଚରାଉଚରା କରିଥିଲେ । ଉଭୟ ଡାକ୍ତର ଅଭିଭାବକମାନଙ୍କ ରୋଗ ଜାଣିବା ପରେ ଔଷଧ ବିଷୟରେ ପରାମର୍ଶ ଦେଇଥିଲେ । ପରେ ଉକ୍ତ ପଞ୍ଚାୟତର ଆଶାକର୍ମୀମାନଙ୍କୁ ଶିଶୁରୋଗ ଓ ଏହାର ଉପଚାର ସମ୍ପର୍କରେ ବୁଝାଇଥିଲେ । ଭାରତୀୟ ଜନସଂଚାର ସଂସ୍ଥାନର ସହକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠଙ୍କ ସହ ଛାତ୍ରୀଛାତ୍ରମାନେ ଉଭୟ ଶିଶୁ ବିଶେଷଜ୍ଞ ଓ କର୍ମଚାରୀଙ୍କ ଠାରୁ ତଥ୍ୟ ସଂଗ୍ରହ କରିଥିଲେ ।




ଟେଲିମେଡିସିନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଆଇଆଇଏମ୍‌ସି ଛାତ୍ରୀଛାତ୍ର ଓ ଅତିଥିବୃନ୍ଦ ।

# ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସମାବେଶ

ଢେଙ୍କାନାଳ,୨୫।୧(ରତନ ନାୟାର)

ଢେଙ୍କାନାଳ ସହର ଯାଉଁଳି ପୋଖରୀ ମଠଠାରେ ରବିବାର ପୂର୍ବାହ୍ନରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ହିନ୍ଦୁ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ସୂର୍ଯ୍ୟପୂଜା, ଗୋ ପୂଜା, ହୋମଯଜ୍ଞ, ହନୁମାନ ଚାଳିଶା ପାଠ, ନାମଯଜ୍ଞ, ଅନ୍ନଯଜ୍ଞ ଓ କୁମାରୀ ପୂଜନ ଆଦି ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁକାନ୍ତ ମିଶ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଡ. ଅନିଲ କୁମାର, ପ୍ରବଚକ ବିପିନ ବିହାରୀ ଶତପଥୀ ପ୍ରମୁଖ ଯୋଗଦେଇ ବୌଦ୍ଧିକ ଆଲୋଚନା କରିଥିଲେ । ଯୁବରାଜ ଅମରଜ୍ୟୋତି ସିଂହଦେଓ, ଆଇପିଏଲ୍ ଏମ୍‌ଡି ବିକାଶ କୁମାର ଚୌଧୁରୀ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମଠର ମହନ୍ତ ମହାରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ଯ୍ୟକ୍ରମକୁ ନିରାକାର ସାମନ୍ତରାୟ, ବାବୁଚାନ୍ଦ ମହାଳିକ, ବସନ୍ତ ରଥ, ବିଶ୍ୱନାଥ ବେହେରା, ଦୀପକ ପ୍ରସାଦ ପଟ୍ଟନାୟକ, ବିନୋଦ ମହାନ୍ତି, ଇଂ. ହୃଦାନନ୍ଦ ଶତପଥୀ, ଅଶୋକ ନନ୍ଦ, ଟୁନା ମିଶ୍ର, ଆଶିଷ ରଞ୍ଜନ ଭଞ୍ଜ, ସନ୍ତୋଷ ଆଚାର୍ଯ୍ୟ ଓ ପ୍ରଭାକର ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ । ଢେଙ୍କାନାଳ ସହରକୁ ୫ଟି ଭାଗରେ ବିଭକ୍ତ କରାଯାଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।



ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ହିନ୍ଦୁ ସମାବେଶରେ ଯୋଗଦେଇଥିବା ଅତିଥି ।

# ନୃତ୍ୟମ୍ ଅନୁଷ୍ଠାନର କଳାକାର ସମ୍ବର୍ଦ୍ଧିତ



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଢେଙ୍କାନାଳ,୨୫।୧ (ରତନ ନାୟାର)

ଢେଙ୍କାନାଳର ପ୍ରମୁଖ ନୃତ୍ୟ ଅନୁଷ୍ଠାନ ନୃତ୍ୟମ୍‌ର କଳାକାରମାନେ ଢେଙ୍କାନାଳ ଜିଲା ମହୋତ୍ସବରେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ । ଏହି ଉପଲକ୍ଷେ ନୃତ୍ୟମ୍ ଅନୁଷ୍ଠାନର କଳାକାରମାନଙ୍କୁ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ମହୋତ୍ସବ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ପ୍ରମୁଖ ସଦସ୍ୟା ମନୋରମା ସିଂହ କଳାକାରଙ୍କ ସହ ଏହି ସମ୍ବର୍ଦ୍ଧନାକୁ ଗ୍ରହଣ କରିଥିଲେ ।

# ରଞ୍ଜାଗୋଳଠାରେ ବିଶାଳ ହିନ୍ଦୁ ସମ୍ମିଳନୀ

ସାତମାଇଲ, ୨୫।୧ (ସୁଶାନ୍ତ ପତି)

ହିନ୍ଦୋଳ ଉପଖଣ୍ଡର ରଞ୍ଜାଗୋଳ ସ୍ଥିତ ସର୍ବପ୍ରାଚୀନ ଧୂନୀଘର ମଠ ପ୍ରାଙ୍ଗଣରେ ଶନିବାର ମଣ୍ଡଳ ସଭାପତି ବାସୁଦେବ ପ୍ରଧାନଙ୍କ ପୌରହିତ୍ୟରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ହିନ୍ଦୋଳ ଖଣ୍ଡ, ଖଜୁରିଆକଟା ମଣ୍ଡଳ ପକ୍ଷରୁ ହିନ୍ଦୁ ଜାଗରଣ ନୂତନ ଶକ୍ତି ସହିତ ଚେତନା ପ୍ରଦାନ କରିବା ପାଇଁ ସମଗ୍ର ହିନ୍ଦୁ ସମାଜ ଦ୍ୱାରା ସନାତନ ସଂସ୍କୃତି , ଧର୍ମ ଓ ସାମାଜିକ ଏକତାକୁ ଗୋଟିଏ ସୂତ୍ରରେ ବାନ୍ଧିବା ପାଇଁ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ସମ୍ମାନିତ ଅତିଥି ତଥା ମଠର ମହନ୍ତ ମାଧବା ନନ୍ଦ ଦାସ ମହାରାଜ ମାର୍ଗ ଦର୍ଶନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ଦିବାକର ନନ୍ଦ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରମୁଖ ପୁରୁଷୋତ୍ତମ ପାତ୍ର, ହିନ୍ଦୋଳ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ ପବିତ୍ର ମୋହନ ଦାସ, ଜିଲା ବୌଦ୍ଧିକ ପ୍ରମୁଖ ଅଶ୍ୱିନୀ କୁମାର ପତି , ରଞ୍ଜାଗୋଳ ମୌଜାର ସଭାପତି ଲିଙ୍ଗରାଜ ସାହୁ, ମଣ୍ଡଳ ସଦସ୍ୟ ବିରଞ୍ଚି ନାରାୟଣ ତ୍ରିପାଠୀ, ଜଗଦୀଶ ପ୍ରଧାନ, ନଗେନ୍ଦ୍ର ନାୟକ, ଅକ୍ଷୟ କୁମାର ପାଳ, ମାନସ ମହାରଣା, କୈଳାଶ ଚନ୍ଦ୍ର ସାହୁ, ମନୋଜ ପ୍ରଧାନ, ଶଶିଭୂଷଣ ବେହେରା, ପ୍ରସନ୍ନ ସାହୁ, ବିଭୂତି ଭୂଷଣ ସାହୁ, ବିଦ୍ୟାଧର ମାଝୀ, ଶ୍ରୀପତି ପ୍ରଧାନ, ବିନୋଦ ସାହୁ, ମୁରଲୀଧର ପ୍ରଧାନ, ବନମାଳୀ ଦେହୁରୀ, ସନାତନ ସାହୁ, ଶୁକଦେବ ବେହେରା, ପ୍ରମୁଖ ଯୋଗଦେଇଥିଲେ ।




ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ ।

# ଜାତୀୟ ମତଦାତା ଦିବସ ପାଳିତ

ଢେଙ୍କାନାଳ,୨୫।୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇସ୍ଥିତ ପ୍ରିୟ ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଯୁବ ଭାରତ ସହଯୋଗରେ ରବିବାର ଜାତୀୟ ମତଦାନ ଦିବସ ପାଳିତ ହୋଇଯାଇଛି । ନୂଆ ଭୋଟରମାନେ ପ୍ଲାକାର୍ଡ ଧରି ଶୋଭାଯାତ୍ରା କରିଥିଲେ । କାର୍ଯ୍ୟକ୍ରମକୁ ପ୍ରିୟର ନିର୍ଦ୍ଦେଶକ ଟଙ୍କଧର ବାରିକ ଉଦ୍‌ଘାଟନ କରିଥିଲେ । ଯୁବ ଭୋଟରମାନଙ୍କ ମଧ୍ୟରେ ନିର୍ଭିକ, ନିରପେକ୍ଷ ମତଦାନ ଦେବାକୁ ଶପଥପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହାୟତା କରିଥିଲେ ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା କର୍ମଚାରୀମାନେ ସଚେତନ କରୁଛନ୍ତି ।

# ଶିକ୍ଷା ସଚେତନତା ପାଇଁ ମିନି ମାରାଥନ

ଢେଙ୍କାନାଳ,୨୫।୧(ରତନ ନାୟାର)

ଢେଙ୍କାନାଳରେ ରବିବାର ସକାଳେ ସମସ୍ତଙ୍କ ଶିକ୍ଷା ପାଇଁ କିଟ୍, କିସ୍ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ୮ମ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନର ଏକ ଅଂଶ ଭାବରେ ସେ ଆର୍ଟ ଅଫ୍ ଗିଭିଂ ଅଧୀନରେ ସମସ୍ତଙ୍କ ପାଇଁ ଶିକ୍ଷା ନାମକ ଉକ୍ତ ସାମାଜିକ ଅଭିଯାନ ଏବଂ ଆନ୍ଦୋଳନ ଆରମ୍ଭ ହୋଇଛି ବୋଲି ଡ. ଅଚ୍ୟୁତ ସାମନ୍ତ ବାର୍ତ୍ତା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଶିକ୍ଷାବିତ ଡ଼. ପୁଷ୍ପଲତା ରଥ ଓ ଡ. ସମୀର କୁମାର ସାହୁ , ଡ. ଦେବୀପ୍ରସାଦ ମିଶ୍ର, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଡ଼. ସାମନ୍ତ ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମ ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ କିଟ୍‌ର ଡେପୁଟି ମ୍ୟାନେଜର ମାନସ ମିଶ୍ର ପ୍ରକାଶ କରିଥିବା ବେଳେ କାର୍ଯ୍ୟକ୍ରମକୁ କବି ଅଥୟ କୁମାର ସାହୁ ପରିଚାଳନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ ।




ମିନି ମାରାଥନରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅତିଥିବୃନ୍ଦ ।

# ବିଧାୟକଙ୍କ ଦ୍ୱାରା ନୂତନ ଗୃହ ଉଦ୍‌ଘାଟିତ

ପରଜଙ୍ଗ,୨୫।୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତ କଲଦା ଏବଂ କଣ୍ଢେଇଖୋଲ ଗ୍ରାମରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଥିବା କାର୍ଯ୍ୟରେ ରବିବାର ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ ଯୋଗଦେଇଛନ୍ତି । କଲଦା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞରେ ଗ୍ରାମ ପରିକ୍ରମା କରିବା ସହ ଶିବ ମନ୍ଦିର ଯାଇ ଦର୍ଶନ କରିଥିଲେ । ପରେ କଣ୍ଢେଇଖୋଲ ଗ୍ରାମରେ ପହଞ୍ଚି ଭକ୍ତି ଭାରତୀ ଗୁରୁପୀଠରେ ଗୁରୁ ମନ୍ଦିରର ସାମୁହିକ ବିକାଶ କେନ୍ଦ୍ର ଉଦ୍‌ଘାଟନ କରିଥିଲେ । ସେଠାରେ ଗ୍ରାମବାସୀଙ୍କ ସହ ଗ୍ରାମର ସାମୁହିକ ବିକାଶ କିପରି ହୋଇପାରିବ ତାହା ଉପରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ।



# କାପୁଡ଼ିଆ ସମାଜର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

**ଶ୍ରେଷ୍ଠ ୪୦ ପ୍ରତିଭା ସମ୍ବର୍ଦ୍ଧିତ, ନବକିଶୋର ଗୁରୁ ରାଜ୍ୟ ସଭାପତି ଚୟନ**

ଭୁବନ,୨୫।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ୨ଦିନ ଧରି ହେଉଥିବା କାପୁଡିଆ ସମାଜର ରାଜ୍ୟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ସଭାପତି ନବକିଶୋର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ବିଭିନ୍ନ ଜିଲାରୁ ୬୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ । ନାରୀ ସୁରକ୍ଷା, ପାରିବାରିକ କଳହ ନିବାରଣ, ନିଶା ନିବାରଣକୁ ଗୁରୁତ୍ୱ ଦେବା ପାଇଁ ଶପଥ କରାଯାଇଥିଲା । ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ୪୦ଜଣ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ରାଜ୍ୟସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତିକ୍ରମେ ବରିଷ୍ଠ ଆଇନଜୀବୀ ତଥା ସରକାରୀ ଓକିଲ ଓ ଢେଙ୍କାନାଳ କୋର୍ଟର ପିପି ନବକିଶୋର ଗୁରୁଙ୍କୁ ସଭାପତି ଭାବେ ଚୟନ କରାଯାଇଥିଲା । ଢେଙ୍କାନାଳ ବାଲିକିଆରି ଗ୍ରାମର ଜ୍ଞାନରଞ୍ଜନ ଦାସଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ସେହିପରି ରାଜ୍ୟ ସଙ୍ଗଠନ ସମ୍ପାଦକ ଭାବେ ଦିଲୀପ ଦାସ, ଉପସଭାପତି ଭାବେ ସନାତନ ପାତ୍ର, ଖଗେଶ୍ୱର ନାୟକ, କୃଷ୍ଣଚନ୍ଦ୍ର ପୃଷ୍ଟି, ବିଚିତ୍ର ସାହୁ, ନିତ୍ୟାନନ୍ଦ ନାହାକ ମନୋନୀତ ହୋଇଥିଲେ । ସମ୍ପାଦକ ଭାବେ ରବୀନ୍ଦ୍ର ପୃଷ୍ଟି, ଲକ୍ଷ୍ମଣ ଦାସ, କୋଷାଧ୍ୟକ୍ଷ ଭାବେ ନିତ୍ୟାନନ୍ଦ ରାଉତ ଓ ସାମାଜିକ ଗଣମାଧ୍ୟମ ଭାବେ ନିରଞ୍ଜନ ଗୁରୁ ମନୋନୀତ ହୋଇଥିଲେ । ଢେଙ୍କାନାଳ ଜିଲା ସଙ୍ଗଠନ ପାଇଁ ସଭାପତି ଭାବେ ରାମଚନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ଭାବେ ଭାସ୍କର ନାୟକଙ୍କ ସହ ସମସ୍ତ ଉପସଭାପତିଙ୍କ ନାମ ଘୋଷଣା କରାଯାଇଥିଲା । ଏହି ଅବସରରେ ଅଞ୍ଚଳର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଭୁବନ ସଙ୍ଗଠନର ସମ୍ପାଦକ ବିଦ୍ୟାଧର ବିହାରୀ ଧନ୍ୟବାଦ ଅର୍ପଣ କରିଥିଲେ ।



ପ୍ରତିଭାମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

# ଆଗକୁ ବଢ଼ିବା ପାଇଁ ଏକ ପ୍ଲାଟଫର୍ମ ଜରୁରୀ

**ବଲିଉଡ୍ କଣ୍ଠଶିଳ୍ପୀ ଚେତନା ଭରଦ୍ୱାଜଙ୍କ ମୁହଁରୁ**

ଢେଙ୍କାନାଳ,୨୫।୧ (ରତନ ନାୟାର)

ଢେଙ୍କାନାଳ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ୫ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ୧୮ତମ ଢେଙ୍କାନାଳ ମହୋତ୍ସବର ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ବଲିଉଡ୍ କଣ୍ଠଶିଳ୍ପୀ ତଥା ଇଣ୍ଡିଆନ ଆଇଡଲ ଓ ଭଏସ୍ ଅଫ୍ ଇଣ୍ଡିଆର ପ୍ରତିଯୋଗୀ ଚେତନା ଭରଦ୍ୱାଜ ସୁମଧୁର ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ବିଭୋର କରିଥିଲେ । ଶନିବାର ଏକ ବିଶେଷ ମୁହୂର୍ତ୍ତରେ ଧରିତ୍ରୀକୁ ନିଜର ସଫଳ ଯାତ୍ରା ସମ୍ପର୍କରେ ଯାହା କୁହନ୍ତି...

ଚେତନା ଇଣ୍ଡିଆନ ଆଇଡଲ ପ୍ରତିଯୋଗିତାରେ ୨୦୧୯ରୁ ୨୦୨୦ ପର୍ଯ୍ୟନ୍ତ ରହିଥିଲେ । ସେ ଶ୍ରେଷ୍ଠ ୧୫ ପ୍ରତିଯୋଗୀଙ୍କ ମଧ୍ୟରେ ଇଣ୍ଡିଆ ଆଇଡଲ ସିଜିନ-୧୧ରେ ରହିଥିଲେ । ୬ବର୍ଷ ବୟସରୁ ସେ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷାଲାଭ କରିଥିଲେ । ସେ ସ୍କୁଲରେ ପାଠ ପଢୁଥିବା ବେଳେ ସଙ୍ଗୀତ ପ୍ରତିଯୋଗିତାରେ ବହୁ ପୁରସ୍କାର ଜିତିଥିଲେ । ପରିବାର ସଦସ୍ୟମାନେ ତାଙ୍କୁ ପ୍ରେରଣା ଯୋଗାଉଥିଲେ ମଧ୍ୟ ବାପା ଶକ୍ତିକାନ୍ତ ଭରଦ୍ୱାଜ ସଙ୍ଗୀତ କ୍ଷେତ୍ରରେ ସେ ନ ଯିବା ପାଇଁ ଚାହୁଁଥିଲେ । କିନ୍ତୁ ନିଜ ବାପାଙ୍କୁ ବୁଝାଇଶୁଝାଇ ସେ ଜଣେ ସଫଳ କଣ୍ଠଶିଳ୍ପୀ ହୋଇପାରିବେ ବୋଲି ପ୍ରମାଣିତ କରିଥିଲେ । ତାଙ୍କ ପରିବାର ଦିଲ୍ଲୀରେ ବସବାସ କରୁଥିବା ବେଳେ ସେ ମ୍ୟୁଜିକ୍ ସମ୍ମାନରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକ କରିଛନ୍ତି । ବର୍ତ୍ତମାନ ସେ ମୁମ୍ବାଇରେ ରହୁଛନ୍ତି । ଗୀତ ଗାଇବା ଛଡ଼ା ରୋଷେଇ କରିବା ଏବଂ ଭ୍ରମଣ କରିବା ତାଙ୍କୁ ଭଲ ଲାଗେ । ଚେତନା ପ୍ରଥମଥର ପାଇଁ ଢେଙ୍କାନାଳ ଆସିଛନ୍ତି । ସେ କୁହନ୍ତି ଯେ, ୧୦ବର୍ଷ ପରେ ଢେଙ୍କାନାଳ ମହୋତ୍ସବ ହେଉଥିବା ଜାଣି ଖୁସି ଲାଗିଲା । ପବନଦୀପଙ୍କ ସହ ଗାଇବାରେ ମଜା କିଛି ଅଲଗା । ଏଥିପୂର୍ବରୁ ସେ ଓଡ଼ିଶାରେ ଜୁନାଗଡ, ଯାଜପୁରରେ ନିଜର ସଙ୍ଗୀତ ପରିବେଷଣ କରିଛନ୍ତି । ସେ ଆହୁରି କହିଛନ୍ତି, ନିଷ୍ଠାର ସହ ପରିଶ୍ରମ କଲେ ସଫଳତା ନିଶ୍ଚିତ ମିଳିବ । ଜଣେ କଣ୍ଠଶିଳ୍ପୀ ତଥା କଳାକାର ପାଇଁ ଆଗକୁ ବଢିବା ନିମନ୍ତେ ଗୋଟିଏ ପ୍ଲାଟଫର୍ମ ନିହାତି ଜରୁରୀ । ଯେପରି ମୋ ପାଇଁ ଇଣ୍ଡିଆନ ଆଇଡଲ ପ୍ରତିଯୋଗିତା ଏକ ପ୍ଲାଟଫର୍ମ ଥିଲା । ମୁଁ କୌଣସି ସଙ୍ଗୀତ ପରିବାରରୁ ଆସିନି କିମ୍ବା ମୋ ପାଇଁ କେହି କେଉଁଠି ବି ଲବି କରିନାହାନ୍ତି । ଧୀରେ ଧୀରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଶିଡ଼ି ପରେ ଶିଡ଼ି ଆଗକୁ ଚଢ଼ି ମୁଁ ଇଣ୍ଡିଆନ ଆଇଡଲ ପର୍ଯ୍ୟନ୍ତ ପହଞ୍ଚିଛି । ବିବାହ ସମ୍ପର୍କରେ ପଚାରିବାରୁ ହସିହସି କହିଛନ୍ତି, ମୋତେ ଏକୁଟିଆ ଦେଖି କ'ଣ ଆପଣମାନେ ଖୁସି ହେଉନାହାନ୍ତି କି ? ଢେଙ୍କାନାଳ ସବୁଜିମା ପ୍ରାକୃତିକ ସୌନ୍ଦର୍ଯ୍ୟ ତାଙ୍କୁ ବିମୋହିତ କରିଛି ବୋଲି ଚେତନା କହିଛନ୍ତି ।



କଣ୍ଠଶିଳ୍ପୀ ଚେତନା ଭରଦ୍ୱାଜ

## ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,(ପରିକ୍ଷିତ ସାହୁ): ଅନୁଗୋଳ ଜିଲା କିଶୋରନଗର ଥାନା ଅଙ୍ଗପଡ଼ା ଗ୍ରାମର ପ୍ରିୟଙ୍କା ବେହେରାଙ୍କୁ ତିରିସ ନାୟକ ଓ ତାଙ୍କ ସ୍ତ୍ରୀ ଝରଣା ନାୟକ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ପ୍ରିୟଙ୍କା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୫/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ପ୍ରିୟଙ୍କା ଘରେ ଥିବାବେଳେ ଏକ ମୋବାଇଲ ଫୋନ୍‌କୁ କେନ୍ଦ୍ରକରି ତାଙ୍କୁ ମାଡ଼ ମରା ଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ।

## ଗ୍ୟାସ୍ ଚୋରିବେଳେ ଜଣେ ଗିରଫ

ବଇଣ୍ଡା,୨୫।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ଡାକୁଆମୁଣ୍ଡାଠାରେ ଥିବା ଢାବା ନିକଟରୁ ଏକ ଗ୍ୟାସ ବୋଝେଇ ଟ୍ୟାଙ୍କରରୁ ମେଶିନ୍ ସାହାଯ୍ୟରେ ଗ୍ୟାସ୍ ଚୋରି କରୁଥିବା ଅଭିଯୋଗରେ କିଶୋରନଗର ପୋଲିସ ଶନିବାର ରାଉଲକେଲା ଅଞ୍ଚଳର ଦୁର୍ଗାଚରଣ ପଲେଇଙ୍କୁ ଗିରଫ କରିଛି । ଏନେଇ ପୋଲିସ ନମ୍ବର ୨୬/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିବା ଅନୁଯାୟୀ, କଟକରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ଗ୍ୟାସ ବୋଝେଇ ଟ୍ୟାଙ୍କର ଉକ୍ତ ଢାବା ନିକଟରେ ଥିବା ଏକ ନିଛାଟିଆ ସ୍ଥାନରେ ରଖିଥିଲେ। ଅନ୍ୟ ଏକ ଗ୍ୟାସ ଟ୍ୟାଙ୍କର ମେଶିନ ସାହାଯ୍ୟରେ ଗ୍ୟାସ ଚୋରି କରୁଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ କରୁଥିବାରୁ ଗାଡ଼ି ୨ଟିକୁ ଜବତ କରିବା ସହ ମେଶିନକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଦୁର୍ଗାଚରଣଙ୍କୁ ଗିରଫ କରିଛି ।

# ନିର୍ମାଣ ହେଉନି ଶୀତଳଭଣ୍ଡାର, ଚିନ୍ତାରେ ଚାଷୀ

ବଇଣ୍ଡା,୨୫।୧(ପରିକ୍ଷିତ ସାହୁ)



ସରକାର କୃଷିର ବିକାଶନେଇ ବହୁ ଯୋଜନା ପ୍ରଚଳନ କରିଛନ୍ତି। ହେଲେ ଚାଷୀ ଅମଳ କରୁଥିବା ଖାଦ୍ୟଶସ୍ୟ ଉଚିତ ମୂଲ୍ୟରେ ବିକ୍ରି କରିପାରୁନାହାନ୍ତି । ଯାହା ଏବେ ଅନୁଗୋଳ ଜିଲା କିଶୋରନଗର ବ୍ଲକରେ ଦେଖିବାକୁ ମିଳିଛି । ଏହି ବ୍ଲକର ଜାମୁନାଳି, ହଣ୍ଡପା, କଣ୍ଟେଇକୋଳିଆ ପଞ୍ଚାୟତର ଅନେକ ପନିପରିବା ଚାଷୀ ଏବେ କ୍ଷତି ସହୁଛନ୍ତି। ତେଣୁ ବଇଣ୍ଡାଠାରେ ଏକ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ବଇଣ୍ଡା ଗ୍ରାମବାସୀ ଓ କୃଷକ ସଙ୍ଗଠନ ପକ୍ଷରୁ ୨ ନଭେମ୍ବର ୨୦୧୭, ୨୩ ମେ ୨୦୨୧, ୨ ଫେବୃଆରୀ ୨୦୨୩ ଓ ୨୫ ଏପ୍ରିଲ ୨୦୨୪ ରେ ଏକ ଦାବିପତ୍ର ସ୍ଥାନୀୟ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି କୃଷିମନ୍ତ୍ରୀ, ଅନୁଗୋଳ ଜିଲାପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ହେଁ ନିର୍ମାଣ ହେଉନାହିଁ । ଚଳିତ ବର୍ଷ ଉକ୍ତ ୩ଟି ପଞ୍ଚାୟତର ୪୦୦ହେକ୍ଟର ଚାଷ ଜମିରେ ଫୁଲ ଓ ବନ୍ଧା କୋବି ଚାଷ କରାଯାଇଛି। ହେଲେ ଉତ୍ପାଦନ ଅନୁସାରେ କୋବିର ବିକ୍ରି ଚାହିଦା କମିଯାଇଥିବା ଯୋଗୁ କୋବି ଗୋଟା ପିଛା ୫ଟଙ୍କାରେ ବିକ୍ରି କରାଯାଉଛି। ବିଶେଷକରି କଣ୍ଟେଇକୋଳିଆ ପଞ୍ଚାୟତର ଇଚ୍ଛାପୁର, ଅଁଳାବେରେଣୀ, କଣ୍ଟେଇକୋଳିଆ, ଜାମୁନାଳୀ ପଞ୍ଚାୟତର ମଧୁପୁର, ଜାମୁନାଳି, ଖଣ୍ଡବର, ଅଶୁବାହାଳ, ହଣ୍ଡପା ପଞ୍ଚାୟତ ହିଞ୍ଜିରିଡ଼ା, ପ୍ରତାପପୁର, ହଣ୍ଡପା, ଚାକୁଣ୍ଡାମୁଣ୍ଡା, ଆଦି ଗ୍ରାମରେ ମାତ୍ରାଧିକ କୋବି ଚାଷ କରାଯାଇଛି। ବହୁ ଶହ ହେକ୍ଟର ଜମିରେ ଚାଷ ହୋଇଥିବାବେଳେ ବିକ୍ରିକୁ ନେଇ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। ଗୋଟିଏ କୋବି ଗଛ ପ୍ରତି ୧୦ଟଙ୍କା ଖର୍ଚ୍ଚ ହେଉଥିବାବେଳେ କୋବି ଗୋଟାକୁ ୫ ଟଙ୍କାରେ ଚାଷୀ ବିକ୍ରି କରୁଛନ୍ତି । ଅନେକ ସମୟରେ ୨ଟି କୋବିକୁ ୫ ଟଙ୍କାରେ ବିକ୍ରି କରୁଥିବା ଜଣାପଡ଼ିଛି । ବାହାର ରାଜ୍ୟରୁ ଏହି ଅଞ୍ଚଳକୁ ବନ୍ଧା କୋବି ଆସୁଥିବା ଯୋଗୁ ସ୍ଥାନୀୟ କୋବିର ଚାହିଦା କମିଯାଉଛି। ଚାଷୀ ବିଭିନ୍ନ ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିବାରୁ କିଭଳି ଋଣ ପରିଶୋଧ କରିବେ ସେନେଇ ଚିନ୍ତିତ ହୋଇ ପଡ଼ିଛନ୍ତି। ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଚାଷୀଙ୍କୁ ସବ୍‌ସିଡ୍ ଯୋଗାଇ ଦିଆଯାଉଥିବାବେଳେ ଉକ୍ତ ପଞ୍ଚାୟତର ଅନେକ ଚାଷୀଙ୍କୁ ସବ୍‌ସିଡ୍ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଏହାଛଡ଼ା ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଥିବା ଯୋଗୁ ଚାଷୀଙ୍କର କୋବି ଚାଷ ନଷ୍ଟ ହେଉଛି। ସେହିପରି ମଧୁପୁର କୋବି ଚାଷୀଙ୍କ ପକ୍ଷରୁ କ୍ଷତିପୂରଣ ଯୋଗାଇଦେବା ସହ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ୨୦ ନଭେମ୍ବର୨୦୨୫ରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏନେଇ କିଶୋରନଗର ବିଡିଓ ସୌଭାଗ୍ୟ ବେହେରା କହିଛନ୍ତି ଶୀତଳ ଭଣ୍ଡାର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ।

## ୭ମ ରଙ୍ଗିନ ବେଲ୍ଟ ଟାଏକୋଣ୍ଡୋ ପରୀକ୍ଷା ସଫଳ



ଅନୁଗୋଳ, ୨୫।୧ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ଟାଏକୋଣ୍ଡୋ ଡେଭଲପମେଣ୍ଟ ଆସୋସିଏସନ୍‌ର ଆୟୋଜନରେ ରବିବାର ସୋଭଗ୍ୟନଗରସ୍ଥିତ ଆର୍ଯ୍ୟଭଟ୍ଟ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ୭ମ ରଙ୍ଗୀନ ବେଲ୍ଟ ଟାଏକୋଣ୍ଡୋ ପରୀକ୍ଷା ସଫଳତାର ସହିତ ସମ୍ପନ୍ନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆସୋସିଏଶନ୍‌ର ସଭାପତି ମନୋଜ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଆର୍ଯ୍ୟଭଟ୍ଟ ବିଦ୍ୟାଳୟର ଚେୟାରମ୍ୟାନ ବିନୋଦ ମାଝୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସାହୁ ସାର ମଧ୍ୟ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସଭାପତି ମନୋଜ କୁମାର ପ୍ରଧାନ ଟାଏକୋଣ୍ଡୋ ଖେଳାଳିମାନଙ୍କର ଉନ୍ନତି ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପରୀକ୍ଷାରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମୋଟ ୭୩ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ, ଯାହାଙ୍କ ମଧ୍ୟରୁ ୪୩ ଜଣ ବାଳିକା ଥିଲେ। ମାଷ୍ଟର ପ୍ରଦୀପ ପ୍ରଧାନ ପରୀକ୍ଷକ ଭାବେ ନେତୃତ୍ୱ ନେଇଥିଲେ।

# ଶିକ୍ଷା ସଚେତନତା ନେଇ ଗଣଦୌଡ଼



ଅନୁଗୋଳ ୨୫।୧ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲାରେ କିଟ୍, କିସ୍ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା ସଚେତନତା ନେଇ ରବିବାର ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନ ଅନୁଗୋଳ ଜିଲା ସମେତ ଓଡ଼ିଶାର ୫୫ଟି ସ୍ଥାନରେ ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ର, କ୍ରୀଡ଼ାବିତ ଓ ବିଭିନ୍ନ ବର୍ଗର ଲୋକ ଅଂଶଗ୍ରହଣ କରିଥିଲେ। ଅନୁଗୋଳ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଯୋଗଦେଇ ମାରାଥନ ଶୁଭାରମ୍ଭ କରିଥିଲେ। ଜଗନ୍ନାଥ ମନ୍ଦିରଠାରୁ ଏହି ମାରାଥନ ଆରମ୍ଭ ହୋଇ ଥାନା ଛକ ପରିକ୍ରମା କରି ଅନୁଗୋଳ ମ୍ୟୁନିସିପାଲିଟି ଟାଉନହଲରେ ପହଞ୍ଚି ଏକ ସାଧାରଣ ସଭା କରାଯାଇଥିଲା। କିଟ, କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ସମସ୍ତେ ଭୁୟସୀ ପ୍ରଶଂଶା କରିଥିଲେ। ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ମୁଖ୍ୟବକ୍ତା ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର, ଉପଜିଲାପାଳ ମାୟାଧର ବେହେରା, ଯୋଗଗୁରୁ ଅଭୟ ରାୟ, ଜିଲା କ୍ରୀଡା ଅଧିକାରୀ ଅକ୍ଷୟ ସିଠ, ଖବରଦାତା ମାନସ ରଞ୍ଜନ ମିଶ୍ର ସଭା ପରିଚାଳନା କରିଥିବା ବେଳେ ଅଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କିଟ, କିସ୍‌ର କର୍ମଚାରୀ ବିପିନ କହଁର, ସୁଧୀର ଉଗ୍ରଶୁଣ୍ଢୀ, ନରେଶ ସାହୁ, ରଞ୍ଜିତ ସାମାଡ଼, ମନୋଜ ବେହେରା, ଅନିଲ ପ୍ରଧାନ, ପୀତବାସ ସାହୁ, ଅନାଦି ନାୟକ, ପ୍ରଦ୍ୟୁମ୍ନ ଦାଶ, ରାଜେନ୍ଦ୍ର ଶୁଣ୍ଠି ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ଜଗଦିଶ ପ୍ରସାଦ ଅଗ୍ରୱାଲଙ୍କ ସମେତ ପର୍ଶୁରାମ ଦାସ, ନିରୋଦ ସାହୁଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଘଣ୍ଟପଡ଼ା ରେଳ ଓଭରବ୍ରିଜ ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

ଅନୁଗୋଳ, ତାଳଚେର, ୨୫।୧
(ମାନସ ବିଶ୍ୱାଳ/ମନୋଜ ନନ୍ଦ)



ତାଳଚେର ଅଞ୍ଚଳର ଯୋଗାଯୋଗ ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ିହୋଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଭାସୀ ମାଧ୍ୟମରେ ତାଳଚେର-ଅନୁଗୋଳ ରୋଡ଼ରେ ନିର୍ମିତ ଘଣ୍ଟପଡ଼ା ରେଳ ଓଭର ବ୍ରିଜର ଲୋକାର୍ପଣ କରିଛନ୍ତି। ପ୍ରାୟ ୪୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଓଭରବ୍ରିଜ୍ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଟ୍ରାଫିକ ସମସ୍ୟାର ସମାଧାନ କରିବା ସହ ବିକାଶର ଗତିକୁ ତ୍ୱରାନ୍ୱିତ କରିବ ବୋଲି କହିଛନ୍ତି। ପ୍ରଧାନ କହିଛନ୍ତି, ତାଳଚେର-ଅନୁଗୋଳ ରୋଡ ହେଉଛି ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ମେରୁଦଣ୍ଡ । ଏହି ରୋଡ କୋଇଲା ଖଣି, ଶିଳ୍ପାଞ୍ଚଳ, ଶିକ୍ଷାନୁଷ୍ଠାନ ଏବଂ ମେଡିକାଲକୁ ସଂଯୋଗ କରିଛି। ପୂର୍ବରୁ ହାଣ୍ଡିଧୁଆ ନିକଟରେ ରେଳ ଫାଟକ ଯୋଗୁ ଲୋକଙ୍କୁ ୪୫ ମିନିଟ୍‌ରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଥିଲା। ମାଲବାହୀ ଟ୍ରେନର ଅଧିକ ଯାତାୟାତ ଯୋଗୁଁ ଏହି ଫାଟକ ପ୍ରାୟତଃ ବନ୍ଦ ରହୁଥିଲା। ଫଳରେ ଅଧିକ ସମୟ ଧରି ଟ୍ରାଫିକ ଜାମ ସୃଷ୍ଟି ହେଉଥିଲା । ଏହି ଓଭରବ୍ରିଜ ମାଧ୍ୟମରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ସମସ୍ୟା ଓ ପ୍ରତୀକ୍ଷାର ଅନ୍ତ ଘଟିଛି। ତାଳଚେର ସବଡିଭିଜନର ୮ଟି ପଞ୍ଚାୟତ ଏବଂ ମ୍ୟୁନିସିପାଲିଟି ଅଞ୍ଚଳର ପ୍ରାୟ ୪୦ ହଜାରରୁ ଅଧିକ ଜନସାଧାରଣ ଏହାଦ୍ୱାରା ଉପକୃତ ହେବେ। ସେ ଏହି ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି.କିଷାନ ରେଡ୍ଡୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇବା ସହ ଅଞ୍ଚଳର ସମୃଦ୍ଧି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଘଣ୍ଟପଡା ଓଭର ବ୍ରିଜ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଆରସିସିଏଫ ସଞ୍ଜୟ କୁମାର ସ୍ୱାଇଁ, ଉପଜିଲାପାଳ ସମୀର କୁମାର ଜେନା, ଏମ୍‌ସିଏଲ୍‌ର ସିଏମ୍‌ଡି ଉଦୟ ଏ କୋଏଲ, ଡିପି ଏମ୍‌ସିଏଲ କେଶବ ରାଓ, ନଗରପାଳ ପବିତ୍ର ଭୁତିଆ, ସରପଞ୍ଚ ସସ୍ମିତା ବିଶ୍ୱାଳ, ନୋଡାଲ ଜିଏମ ଅଶୋକ କୁମାର ଧଳ, ସ୍ଥାନୀୟ ଜନପ୍ରତିନିଧି, ସରକାରୀ ଓ ଏମ୍‌ସିଏଲ ଅଧିକାରୀ, ଉପସ୍ଥିତ ଥିଲେ।

## ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ

ବଇଣ୍ଡା,୨୫।୧(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକିଚି ପଞ୍ଚାୟତର ଖୋଲଡଙ୍ଗିଆଣି ଗ୍ରାମରେ ଥିବା ଜଗାବଳିଆ ଆଶ୍ରମ ପରିସରରେ ନିର୍ମାଣ ହୋଇଥିବା ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ କଳସଯାତ୍ରା ହୋଇଥିଲା। ପୂଜକ ସତ୍ୟମୋହନ ରଥ, ପବିତ୍ର ରଥ, କ୍ଷୀରୋଦ ତ୍ରିପାଠୀ ରୀତିନୀତି ଅନୁଯାୟୀ ପୂଜା କରିଥିଲେ। ପ୍ରଥମେ ସୂର୍ଯ୍ୟ ପୂଜା ପରେ ବିଧି ଅନୁସାରେ ହୋମ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳବାସୀ ହୋମରେ ବିଭିନ୍ନ ଧାତୁ ସହ ଧାନ ପକାଇଥିଲେ। ପରେ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅମରେଶ ପ୍ରଧାନ, ପ୍ରମୋଦ କୁମାର ପ୍ରଧାନ, ବିଭୂତି ବେହେରା, ସତ୍ୟଜିତ ପ୍ରଧାନ, ତେଜଶ୍ରୀ ପ୍ରଧାନ, ପୁରୁଷୋତ୍ତମ ପ୍ରଧାନ, ଟଙ୍କଧର ଦୀପ, ପରମାନନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ୫୮ ୟୁନିଟ୍ ରକ୍ତ ସଂଗୃହୀତ

ଛେଣ୍ଡିପଦା,୨୫।୧
(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଚାଉଁରିଆପାଳ ପ୍ରାଥମିକ ବିଦ୍ୟାଳୟରେ ମା' ଖୁମ୍ବେଶ୍ୱରୀ କ୍ରିକେଟ କ୍ଲବ୍ ପକ୍ଷରୁ ରବିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ବସନ୍ତପୁର ଗ୍ରାମ ପଞ୍ଚାୟତର ଚାଉଁରିଆପାଳ କ୍ରିକେଟ କ୍ଲବ ସଭାପତି କୁନା ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା, ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ସରପଞ୍ଚ ଲକ୍ଷ୍ମୀ ସାମଲ, ବିଜୟ କୁମାର ଦେହୁରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶିବିରକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ଗ୍ରାମପଞ୍ଚାୟତର ସ୍ୱେଚ୍ଛାକୃତ ରକ୍ତଦାତା ଓ କ୍ରିକେଟ କ୍ଲବର ସଦସ୍ୟ ଅଂଶଗ୍ରହଣ କରିଥିଲେ। ମୋଟ ୫୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରରେ ଅନୁଗୋଳ ବ୍ଲଡ ବ୍ୟାଙ୍କ ସହାୟତାରେ ରକ୍ତ ସଂଗ୍ରହ କରାଯାଇଥିଲା। ଚାଉଁରିଆ ପାଳ, ଘୁଣ୍ଟୁଳିପଶି ଓ ଖୁମ୍ବେଶ୍ୱରୀ କ୍ରିକେଟ କ୍ଲବର ସଦସ୍ୟ ସହଯୋଗ କରିଥିଲେ।






